ଦିଲ୍ଲୀ କପଡ଼ା ଏବଂ ସାଧାରଣ କାରଖାନା କମ୍ପାନୀ ଲିମିଟେଡ୍ ଏବଂ ଅନ୍ୟଜଣେ

ବନାମ

ଭାରତ ସଂଘ ଏବଂ ଅନ୍ୟଜଣେ

19 ସେପ୍ଟେମ୍ବର, 1996

[ଏସ୍. ପି. ଭରୁଚା ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ସୀମା ଶୁଳ୍କ ଅଧିନିୟମ :*

*ଧାରା 3 – ଯୁକ୍ତରାଷ୍ଟ୍ର ଆମେରିକାରୁ ଟାୟାର କର୍ଡ ଗ୍ରେଡ କାଠ ମଣ୍ଡ ଆମଦାନୀ କରୁଥିବା କରଦାତା – ତା' ଉପରେ ଅତିରିକ୍ତ ଶୁଳ୍କ ଦେବାକୁ ଆହ୍ୱାନ – ସହକାରୀ ଜିଲ୍ଲାପାଳଙ୍କ ସମ୍ମୁଖରେ ଏବଂ ତା' ପରେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆପତ୍ତି କରାଯାଇଥିଲା, କିନ୍ତୁ ସଫଳ ହୋଇନଥିଲା – ଅପିଲରେ ଦର୍ଶାଯାଇଥିଲା, ଯେଉଁଠାରେ ଏହିପରି ଦ୍ରବ୍ୟ ଭାରତରେ ଉତ୍ପାଦିତ କିମ୍ବା ପ୍ରସ୍ତୁତ ହୋଇ ନାହିଁ, ସେଠାରେ ଯେଉଁ ଦ୍ରବ୍ୟର ଶ୍ରେଣୀ କିମ୍ବା ବିବରଣୀ ସହିତ ଆମଦାନୀ ହୋଇଥିବା ଦ୍ରବ୍ୟ ସମ୍ବନ୍ଧିତ ତାହା ଉପରେ ଲାଗୁ ହୋଇଥିବା ଉତ୍ପାଦନ ଶୁଳ୍କ ଆଧାରରେ ଆମଦାନୀ ହୋଇଥିବା ଦ୍ରବ୍ୟ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରାଯିବା ଆବଶ୍ୟକ – ଅବଶିଷ୍ଟ ପ୍ରବେଶ 68 ଅଧୀନରେ ଅନ୍ୟତ୍ର ବର୍ଣ୍ଣିତ ହୋଇନଥିବା ଦ୍ରବ୍ୟ ନିଜେ ଏକ ଶ୍ରେଣୀ ଗଠନ କରେ – ତେଣୁ ଯଦି ଏହିପରି ଦ୍ରବ୍ୟ ଶୁଳ୍କରେ ବର୍ଣ୍ଣନା କରାଯାଇ ନାହିଁ, ତେବେ ପ୍ରବେଶ 68ର ବ୍ୟବସ୍ଥାଗୁଡ଼ିକ ଅନୁଯାୟୀ ଉତ୍ପାଦନ ଶୁଳ୍କ ଲାଗୁ କରିବା ଆଧାରରେ ଆମଦାନୀ ହୋଇଥିବା ଦ୍ରବ୍ୟ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରାଯାଇଥାଏ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 3400/1984 ।

ଡି.ବି.ସି.ଡବ୍ଲ୍ୟୁ.ପି. ସଂଖ୍ୟା 1381/1990 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର 27.5.82 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏଚ୍. କେ. ପୁରୀ ।

ଉତ୍ତରଦାତାମାନଙ୍କ ପାଇଁ ଯୋଶେଫ ବଲ୍ଲପଲ୍ଲୀ ଏବଂ ସି. ଭି. ସୁବ୍ବା ରାଓ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ଅପିଲରେ ଏକ ସୀମିତ ତର୍କକୁ ସମ୍ବୋଧିତ କରାଯାଇଛି, ଯାହା ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠର ରାୟ ଏବଂ ଆଦେଶକୁ ଆକ୍ଷେପିତ କରେ ।

ଅପିଲକାରୀମାନେ ଟାୟାର ସୂତା, ରସି ଏବଂ କପଡ଼ା ଉତ୍ପାଦନ କରନ୍ତି ଯାହା ଉଦ୍ଦେଶ୍ୟରେ ସେମାନେ ଯୁକ୍ତରାଷ୍ଟ୍ର ଆମେରିକାରୁ ଟାୟାର କର୍ଡ ଗ୍ରେଡ୍ କାଠ ମଣ୍ଡ ଆମଦାନୀ କରନ୍ତି । ସୀମା ଶୁଳ୍କ ଅଧିନିୟମର ଧାରା 3ର ବ୍ୟବସ୍ଥାଗୁଡ଼ିକ ଅନୁଯାୟୀ ଅପିଲକାରୀମାନଙ୍କୁ ଏହା ଉପରେ ଅତିରିକ୍ତ ଶୁଳ୍କ ଦେବାକୁ କୁହାଯାଇଥିଲା ।

ଅପିଲକାରୀଙ୍କ ଦ୍ୱାରା ଉଠାଯାଇଥିବା ଅନ୍ୟ ଯୁକ୍ତିଗୁଡ଼ିକ ମଧ୍ୟରେ ଏହା ଥିଲା : ଉକ୍ତ କାଠ ମଣ୍ଡ ଭାରତରେ ପ୍ରସ୍ତୁତ କିମ୍ବା ଉତ୍ପାଦିତ ହେଉନଥିଲା । ତେଣୁ, ଧାରା 3ର ସର୍ତ୍ତାବଳୀ ଅନୁଯାୟୀ, ଅତିରିକ୍ତ ଶୁଳ୍କକୁ ଉତ୍ପାଦ ଶୁଳ୍କ ଆଧାରରେ ଗଣନା କରାଯିବାର ଥିଲା, ଯାହା ଉକ୍ତ କାଠ ମଣ୍ଡ ଯେଉଁ ଶ୍ରେଣୀର କିମ୍ବା ଦ୍ରବ୍ୟର ଥିଲା, ତାହା ଉପରେ ଲାଗୁ ହେବ । ଶୁଳ୍କ ସୂଚୀରେ କୌଣସି ପ୍ରବେଶ ନଥିଲା ଯାହା ଉକ୍ତ କାଠ ମଣ୍ଡ ପରି ଏକ ଦ୍ରବ୍ୟ ସହିତ ଜଡ଼ିତ । ପ୍ରବେଶ 68, କୌଣସି ଦ୍ରବ୍ୟର ଶ୍ରେଣୀ କିମ୍ବା ବିବରଣୀ ସହ ସମ୍ବନ୍ଧ ନଥିବା ଏକ ଅବଶିଷ୍ଟ ପ୍ରବେଶ ହୋଇଥିବାରୁ, ଏହା ଲାଗୁ ହୋଇନଥିଲା । ତେଣୁ ଉକ୍ତ କାଠ ମଣ୍ଡ ଉପରେ କୌଣସି ଅତିରିକ୍ତ ଶୁଳ୍କ ଲାଗୁ କରାଯାଇନଥିଲା ।

ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନରେ ସହକାରୀ ଜିଲ୍ଲାପାଳ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉକ୍ତ ଯୁକ୍ତି ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଏହା ଆମ ସମ୍ମୁଖରେ ଉଠାଯାଇଥିବା ଏକମାତ୍ର ଯୁକ୍ତି ଅଟେ ।

ସୀମା ଶୁଳ୍କ ଅଧିନିୟମର ଧାରା 3, ଯେତେଦୂର ପ୍ରାସଙ୍ଗିକ, ଏହିପରି ଦର୍ଶାଯାଇଛି :

"ଧାରା 3- ଉତ୍ପାଦନ ଶୁଳ୍କ ସହିତ ସମାନ ଅତିରିକ୍ତ ଶୁଳ୍କର କରବସାଣ :

(1) ଭାରତକୁ ଆମଦାନୀ କରାଯାଉଥିବା କୌଣସି ଦ୍ରବ୍ୟ, ଭାରତରେ ଉତ୍ପାଦିତ କିମ୍ବା ନିର୍ମିତ ହେଉଥିବା କୌଣସି ସମାନ ଦ୍ରବ୍ୟ ଉପରେ ବର୍ତ୍ତମାନ ଲାଗୁ ହେଉଥିବା ଉତ୍ପାଦନ ଶୁଳ୍କ ସହିତ ସମାନ ଶୁଳ୍କ (ଏହା ପରେ ଏହି ଧାରାରେ ଅତିରିକ୍ତ ଶୁଳ୍କ ଭାବେ ସୂଚିତ) ପାଇଁ ଦାୟୀ ହେବ ଏବଂ ଯଦି ଏହିପରି ଦ୍ରବ୍ୟ ଉପରେ ଏପରି ଉତ୍ପାଦନ ଶୁଳ୍କ ଏହାର ମୂଲ୍ୟର କୌଣସି ପ୍ରତିଶତରେ ଲାଗୁ ହେବ, ତେବେ ଆମଦାନୀ ହୋଇଥିବା ଦ୍ରବ୍ୟ ଯେଉଁ ଅତିରିକ୍ତ ଶୁଳ୍କ ପାଇଁ ଉତ୍ତରଦାୟୀ ହେବ, ତାହା ଆମଦାନୀ ହୋଇଥିବା ଦ୍ରବ୍ୟର ମୂଲ୍ୟର ସେହି ପ୍ରତିଶତରେ ଗଣନା କରାଯିବ ।

*ସ୍ପଷ୍ଟୀକରଣ* : ଏହି ଧାରାରେ, 'ଭାରତରେ ଉତ୍ପାଦିତ କିମ୍ବା ପ୍ରସ୍ତୁତ ହେଉଥିବା ଏହିପରି ଦ୍ରବ୍ୟ ଉପରେ ବର୍ତ୍ତମାନ ଲାଗୁ ହେଉଥିବା ଉତ୍ପାଦନ ଶୁଳ୍କ' ଅଭିବ୍ୟକ୍ତିର ଅର୍ଥ ହେଉଛି ସେହି ସମୟରେ ଲାଗୁ ହୋଇଥିବା ଉତ୍ପାଦନ ଶୁଳ୍କ, ଯାହା ଏହିପରି ଦ୍ରବ୍ୟ ଉପରେ ଲାଗୁ ହେବ ଯଦି ତାହା ଭାରତରେ ଉତ୍ପାଦିତ କିମ୍ବା ପ୍ରସ୍ତୁତ ହୋଇଥିବ , କିମ୍ବା ଯଦି ଏହିପରି ଦ୍ରବ୍ୟ ଏପରି ଉତ୍ପାଦିତ କିମ୍ବା ପ୍ରସ୍ତୁତ ନହୁଏ, ତେବେ ତାହା ଆମଦାନୀ ହୋଇଥିବା ଦ୍ରବ୍ୟର ବର୍ଗ କିମ୍ବା ବିବରଣୀ ଉପରେ ଲାଗୁ ହେବ, ଏବଂ ଯେଉଁଠାରେ ଏପରି ଶୁଳ୍କ ଭିନ୍ନ ଭିନ୍ନ ହାରରେ ଲାଗୁ ହେବ, ତେବେ ସେଠାରେ ସର୍ବୋଚ୍ଚ ଶୁଳ୍କ ଲାଗୁ ହେବ ।"

ଏହା ହେଉଛି ସ୍ପଷ୍ଟୀକରଣ ଯାହା ଗୁରୁତ୍ୱପୂର୍ଣ୍ଣ ଅଟେ । ଉପଧାରା (1) ର ମୁଖ୍ୟ ଅଂଶରେ ବ୍ୟବହୃତ "ଯଦି ଭାରତରେ ଉତ୍ପାଦିତ କିମ୍ବା ପ୍ରସ୍ତୁତ କରାଯାଏ, ତେବେ ଏହିପରି ଦ୍ରବ୍ୟ ଉପରେ ବର୍ତ୍ତମାନ ଲାଗୁ ହେବାକୁ ଥିବା ଉତ୍ପାଦନ ଶୁଳ୍କ" ଅଭିବ୍ୟକ୍ତିଟି ବର୍ତ୍ତମାନ ବଳବତ୍ତର ଥିବା ଉତ୍ପାଦନ ଶୁଳ୍କକୁ ବୁଝାଇବା ପାଇଁ ବ୍ୟାଖ୍ୟା କରାଯାଇଛି (a) ଯାହା ଭାରତରେ ଉତ୍ପାଦିତ କିମ୍ବା ପ୍ରସ୍ତୁତ ହେଲେ ଏହିପରି ଦ୍ରବ୍ୟ ଉପରେ ଲାଗୁ ହେବ, କିମ୍ବା (b) ଯଦି ଏହିପରି ଦ୍ରବ୍ୟ ଭାରତରେ ଉତ୍ପାଦିତ କିମ୍ବା ପ୍ରସ୍ତୁତ ହୁଏ ନାହିଁ, ତେବେ ଯେଉଁ ବର୍ଗ କିମ୍ବା ବିବରଣୀ କିମ୍ବା ଦ୍ରବ୍ୟ ସହ ଆମଦାନୀ ହୋଇଥିବା ଦ୍ରବ୍ୟ ସମ୍ବନ୍ଧିତ, ତାହା ଉପରେ ଉତ୍ପାଦନ ଶୁଳ୍କ ଲାଗୁ ହେବ ।

ଯେଉଁ କ୍ଷେତ୍ରରେ କୌଣସି ସମାନ ଦ୍ରବ୍ୟ ଭାରତରେ ଉତ୍ପାଦିତ କିମ୍ବା ପ୍ରସ୍ତୁତ ହୋଇନାହିଁ, ସେହି କ୍ଷେତ୍ରରେ ଯେଉଁ ଦ୍ରବ୍ୟର ଶ୍ରେଣୀ କିମ୍ବା ବିବରଣୀ ସହ ଆମଦାନୀ ହୋଇଥିବା ଦ୍ରବ୍ୟ ସମ୍ବନ୍ଧିତ ତାହା ଉପରେ ଲାଗୁ ହୋଇଥିବା ଉତ୍ପାଦନ ଶୁଳ୍କ ଆଧାରରେ ଆମଦାନୀ ହୋଇଥିବା ଦ୍ରବ୍ୟ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବାର ଆବଶ୍ୟକତା ରହିଛି । ଯେଉଁ ଦ୍ରବ୍ୟଗୁଡ଼ିକ ଅନ୍ୟତ୍ର ବର୍ଣ୍ଣିତ ହୋଇନାହିଁ, ଅବଶିଷ୍ଟ ପ୍ରବେଶ ୬୪ ଅଧୀନରେ ଆସୁଛି, ସେଗୁଡ଼ିକ ନିଜେ ଏକ ଶ୍ରେଣୀ ଗଠନ କରନ୍ତି । ତେଣୁ, ଯଦି ଶୁଳ୍କ ସୂଚୀରେ ଏହିପରି ଦ୍ରବ୍ୟ ବର୍ଣ୍ଣନା କରାଯାଇ ନାହିଁ, ତେବେ ପ୍ରବେଶ ୬୪ ର ବ୍ୟବସ୍ଥା ଅନୁଯାୟୀ ଉତ୍ପାଦନ ଶୁଳ୍କର କରବସାଣ ଆଧାରରେ ଆମଦାନୀ ହୋଇଥିବା ଦ୍ରବ୍ୟ ଉପରେ ଅତିରିକ୍ତ ଶୁଳ୍କ ଲାଗୁ ହେବ ।

ଆମ ସମ୍ମୁଖରେ ଉଠାଯାଇଥିବା ଏକମାତ୍ର ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରାଯାଇଛି ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ନଦେଇ ଅପିଲକୁ ଖାରଜ କରାଗଲା ।

ଜି. ଏନ୍.                                                    ଅପିଲ ଖାରଜ ହୋଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ